# Akashvani, Sambalpur

## SAMBALPURI NEWS EVENING BULLETIN

## 21 April 2025- 7.02 pm- 7.12 pm.

*******************************************

୧- ଭାରତ୍ ସୁଶାସନ୍ ଆଉ ନବସୃଜନ କ୍ଷେତ୍ରଥି ନୂଆଁ ପରିଚୟ ତିଆର୍ କରୁଛେ - ସିଭିଲ୍ ସେବା ଦିବସ୍ ଅବ୍ସରେ କହେଲେ ପ୍ରଧାନମନ୍ତ୍ରୀ ।

- ସର୍ବାଙ୍ଗିନ୍ ବିକାଶ ଲାଗି କୋରାପୁଟ୍ ଜିଲ୍ଲା ପୁରସ୍କୃତ ।

୨- ସମ୍ବଲପୁରନ ଜନ ଅଭିଯୋଗ ଶୁଣାଣିକଲେ ମୁଖ୍ୟମନ୍ତ୍ରୀ - କହେଲେ ଆଏବା ଦିନ୍ମାନ୍କେ ରାଜ୍ୟର୍ ଭିନ୍ଭିନ୍ ଇଲାକାନ ହେବା ଶୁଣାଣି ।

୩- ଅକ୍ଷୟ ତୃତୀୟା ଅବ୍ସରେ ରାଜ୍ୟର୍ ୫୦ଲାଖ୍ନୁ ଅଏତ୍କା ଚାଷୀଙ୍କୁ ଦିଆଯିବା ସିଏମ୍ କିଷାନ ସାହାଜ୍ ଟଂକା ।

ଆଉର୍

୪- ରାଏଜେ ବଢୁଛେ ତାତି । ୪୫ ଡିଗ୍ରୀ ସହେତେ ଆଏଜ୍ ଝାରସୁଗୁଡା ରାଏଜର୍ ସବୁନୁ ତତ୍ଲା ସହର୍ ।

ସରକାର୍ ଦେଶେ ସାମଗ୍ରୀକ୍ ବିକାଶକେ ସୁନିଶ୍ଚିତ୍ କରିଥିବାର୍ ନୁ ଗଲା ୧୦ ବଛର୍ ଭିତ୍ରେ ଭାରତ୍ନ ପ୍ରଭାବ୍ ଶାଲି ପରିବର୍ତନ ଆସିଛେ ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ । ନୂଆଁଦିଲ୍ଲୀ ବିଜ୍ଞାନ ଭବନନ ଆଏଜ୍ ୧୭ ନମ୍ବର ସିଭିଲ୍ ସେବା ଦିବସ୍ ଅବ୍ସରେ ଲୋକସେବା ଅଧିକାରୀ ମାନ୍କୁ ସମ୍ବୋଧିତ କରିକରି ଶ୍ରୀ ମୋଦି କହିଛନ୍ ଯେ, ସାମଗ୍ରିକ୍ ବିକାଶର ମାନେ ହେଉଛେ ସବୁ ଘର୍କେ ସଫା ପିଇବାର୍ ପାଏନ୍, ଗୁଣାତ୍ମକ୍ ଶିକ୍ଷା, ଉଦ୍ୟୋଗି ମାନ୍କୁ ଆର୍ଥିକ୍ ସୁବିଧା ଆଉ ଗାଁ ଇଲାକାନ ଡିଜିଟାଲ ଅର୍ଥନୀତିର ଲାଭ ଯୁଗାବାର । ଦେଶର୍ ଜୁଆନ୍ ପିଢି, ଚାଷୀ ଆଉ ମହିଲା ମାନ୍କର୍ ସପନ୍ ଗଲା ୧୦ ବଛର୍ ଭିତ୍ରେ ସଫଲ୍ତାର୍ ଶିଘେ ପୁହୁଁଚିଛେ ବଲି ଶ୍ରୀ ମୋଦି କହିଛନ୍ ।

ଆକାଂକ୍ଷି ଜିଲ୍ଲା କାର୍ଯ୍ୟକ୍ରମ୍ ବାବ୍ଦେ ପ୍ରଧାନମନ୍ତ୍ରୀ କହିଛନ୍ ଇ ପଦକ୍ଷେପ ଜରିଏ ଦେଶର୍ ଭିନ୍ ଭିନ୍ ଜାଗାନ ସ୍ୱାସ୍ଥ୍ୟ, ସାମାଜିକ ବିକାଶ ଆଉର୍ ମୌଳିକ୍ ଭିତିଭୂମି ପ୍ରମୁଖ ସୂଚକାଙ୍କଥି ବହୁତ ବଡ ପରିବର୍ତନ ହେଇଛେ । ପ୍ରଧାନମନ୍ତ୍ରୀ ତାଙ୍କର ଅଭିଭାଷଣଥି କହିଛନ୍ ସରକାରଙ୍କର୍ ଯୋଜନା ମାନ୍ ଲୁକଙ୍କର୍ ପାଖେ କେନ୍ତାକରି ସହଜ ଆଉ ପ୍ରଭାବଶାଲି ଢଙ୍ଗେ

ପହଁଚିପାର୍‌ବା ସେଟା ସୁଶାସନର ଗୁଣବତା ଉପ୍‌ରେ ନିର୍ଭର୍ କର୍‌ସି । ସର୍‌କାର୍ ଇହାଦେ ଯେନ୍ ନୀତି ପ୍ରସ୍ତୁତ କରୁଛନ୍ ଆଉ ନିଷ୍ପତି ନେଉଛନ୍ ସେଟା ଆଏବା ହଜାରେ ବଛର୍ ଲାଗି ବର୍‌କସ୍ ଭବିଷ୍ୟତ୍ ତିଆର୍ କର୍‌ବା ବଲି ପ୍ରଧାନମନ୍ତ୍ରୀ କହିଛନ୍.....

(ଭଏସ୍‌ଓଭର - ପ୍ରଧାନମନ୍ତ୍ରୀ)

ଇ ଅବ୍‌ସରେ ସର୍ବାଙ୍ଗିନ୍ ଉନ୍ନତିକରଣ ଜିଲ୍ଲା ଭାବେ କୋରାପୁଟ ଜିଲ୍ଲାକେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ସମ୍ମାନିତ କରିଛନ୍ ।

ସିଭିଲ୍ ସେବା ହି.ସ

ଜାତୀୟ ସିଭିଲ୍ ସେବା ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଦେଶର୍ ଲୋକସେବା ଅଧିକାରୀ ମାନ୍‌କୁ ପ୍ରଶଂସା କରିଛନ୍ । ସେମାନ୍‌କର୍ ସମର୍ପଣ, ସଚ୍ଚୋଟତା ଆଉ ଜନସେବା ଲାଗି ପ୍ରତିବଦ୍ଧତାକେ ନଜରଥି ରଖିକରି ମୁଖ୍ୟମନ୍ତ୍ରୀ କହିଛନ୍ ସିଭିଲ୍ ସେବା ଅଧିକାରୀମାନେ ଶାସନ ପ୍ରଣାଳିକେ ବର୍‌କର୍‌ବାର୍ ସହେତେ ନାଗରିକ୍ ମାନ୍‌କର୍ ଜୀବନଶୈଳୀକେ ଉନ୍ନତ କର୍‌ବାର୍ ଦିଗେ ମୁଖିଆ ଭୂମିକା ନେଉଛନ୍ । କେନ୍ଦ୍ରଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ ବିକଶିତ୍ ଭାରତର୍ ସପନ୍ କେ ସାକାର୍ କର୍‌ବାର ଦିଗେ ସିଭିଲ୍ ସେବା ଅଧିକାରୀ ମାନ୍‌କର୍ ଅବଦାନ ମହତ୍ୱପୂର୍ଣ୍ଣ ଆଏ

ଯେନ୍‌ଟା ସମାନତା ଆଉ ସୁଶାସନ ଜରିଏ ଦେଖ୍‌ବାକେ ମିଲ୍‌ସି ।

ପୋପ୍ ଫ୍ରାନ୍ସିସ୍                    କଟକ ସମ୍ବାଦଦାତା

ରୋମନ କ୍ୟାଥଲିକ୍ ଚର୍ଚ୍ଚର ୨୬୬ ତମ ପୋପ୍- ପୋପ୍ ଫ୍ରାନ୍ସିସଙ୍କର୍ ଆଏଜ୍ ପର୍‌ଲୋକ୍ ହେଇଛେ । ତାଙ୍କୁ ୮୮ ବଛର୍ ବଏସ୍ ହେଇଥିଲା । ଭାଟିକାନ୍ ସିଟିର ଗୁଟେ ଟେଲିଭିଜ୍ ଚେନେଲ୍ ଥି ପ୍ରସାରଣ ହେଇଥିବା ଖବର୍ ଅନ୍‌ସାରେ ଭାରତୀୟ ସମିଆ ଆଏଜ୍ ସକାଲର୍ ୭ ବାଜିକରି ୩୫ ମିନିଟ୍ ଥି ତାଙ୍କର ପରଲୋକ୍ ହେଇଥିଲା । ପୁର୍‌ଥିର୍ ସବୁନୁ ବଡ୍ ଖ୍ରୀଷ୍ଟିଆନ୍ ଧର୍ମର୍ ସର୍ବୋଚ୍ଚ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ୨୦୧୩ ମସିହାଥି ଭାଟିକାନ୍ ସିଟିନ ପୋପ୍ ହିସାବେ ଆଧ୍ୟାତ୍ମିକ୍ ଗୁରୁ ହେଇଥିଲେ । ଗୁଟେ ତଥ୍ୟ ଅନୁସାରେ ପୋପ୍ ଫ୍ରାନ୍ସିସ୍ ପୁର୍‌ଥିର ୧୪୦ ଲାଖ୍‌ନୁ ଅଏତ୍‌କା ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବି ମାନ୍‌କର୍ ଧର୍ମଗୁରୁ ଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫ୍ରାନ୍ସିସ୍ ପୋପ୍‌ଙ୍କର୍ ବିୟୋଗ୍‌ନ ପୁର୍‌ଥିର୍ କ୍ୟାଥଲିକ୍ ସଂପ୍ରଦାୟକେ ସମବେଦନା ଜନେଇଛନ୍ । ଗୁଟେ ଶୋକବାର୍ତାଥି ଶ୍ରୀ ମୋଦି ପୁର୍‌ଥିର୍ କୋଟିକୋଟି ଲୋକ୍ ତାଙ୍କୁ ଦୟା, ନମ୍ରତା ଆଉ ଆଧ୍ୟାତ୍ମିକ୍ ସାହାସ୍‌ର ପ୍ରତୀକ୍ ଭାବେ ସୋର୍ ରଖିବେ ବଲି କହିଛନ୍ । ସେ

ନିଷ୍ଠାର୍ ସହେତେ ଗରୀବ୍ ଆର୍ ଅବହେଲିତ୍ ମାନ୍‌କର୍ ସେବା କରୁଥିଲେ । ସମାବେଶି ଆଉ ସର୍ବାଙ୍ଗିନ୍ ବିକାଶ ଲାଗି ତାଙ୍କର ପ୍ରତିବଦ୍ଧତାନୁ ତାଙ୍କୁ ଭେଟିକରି ସେ ଅନୁପ୍ରାଣିତ ବଲି ପ୍ରଧାନମନ୍ତ୍ରୀ କହିଛନ୍ । ଭାରତବାସୀଙ୍କ ଲାଗି ତାଙ୍କର ସ୍ନେହ ସବୁବେଳେ ମନେରହେବା ବଲି ପ୍ରଧାନମନ୍ତ୍ରୀ ଶୋକବାର୍ତାଥି କହିଛନ୍ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ଶୋକବାର୍ତାଥି ରୋମାନ୍ କ୍ୟାଥଲିକ୍ ଚର୍ଚ୍ଚନ ପହେଲା ଲାଟିନ ନେତା ହିସାବେ ପୋପ୍ ଫ୍ରାନ୍ସିସ୍ ପୁର୍‌ଥିର୍ କୋଟିକୋଟି ଲୋକ୍‌କୁ ତାଙ୍କର ଏକତା ଆଉ ଭଲ୍‌ପାଏବାର୍ ବାର୍ତା ଦେଇକରି ତହଁକେଇଥିଲେ ବଲି କହିଛନ୍ ।

ମୁଖ୍ୟମନ୍ତ୍ରୀ- ଅଭିଯୋଗ ଶୁଣାଣି     ସମ୍ବଲପୁର ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ସମ୍ବଲପୁର ମହାନଗରନିଗମ କାର୍ଯ୍ୟାଳୟ ଠାନେ ଜନ ଅଭିଯୋଗ ଶୁଣାଣି ଶିବିର୍‌ଥି ଯୋଗ୍ ଦେଇକରି ପଶ୍ଚିମ୍ ଓଡ଼ିଶାବାସୀଙ୍କର ଅଭିଯୋଗ୍‌ର ଶୁଣାଣି କରିଛନ୍ । ଶିବିର୍ ଥି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କର ସହେତେ ୧୨ଝନ୍ ମନ୍ତ୍ରୀ ୧୦ଟା ଜିଲ୍ଲାର୍ ପଞ୍ଜିକୃତ ହଜାରେ ଲୁକ୍‌କର୍ ସହେତେ ମୋଟ୍ ୧୪ଶହ ଅଭିଯୋଗର ଶୁଣାଣି କରିଛନ୍ । ଇ ଅବ୍‌ସରେ ଅସାଧ ରୋଗ୍‌ଥି ପିଡ଼ିତ୍ ୧୮ ଝନ୍‌କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମ୍ ଜରିଏ

ତୁର୍ତି ୧୯ ଲାଖ୍ ୫୦ ହଜାର୍ ଟଙ୍କାର ଚିକିତ୍ସା ସାହାଜ୍ ଯୁଗେଇ ଦିଆଯାଇଛେ ।

ଇ ଅବ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍, କ୍ଷେତ୍ରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ୍ ଗଣତନ୍ତ୍ର ଲାଗି ଗୁଟେ ଶୁଭଙ୍କର ବିଷେ ଆଏ । ଆଗ୍‌କେ ବାକି ଜିଲ୍ଲା ମାନ୍‌କେ ବି ଏନ୍ତା ଜନଶୁଣାଣି ଆୟୋଜନ୍ କରାଯିବା । ବ୍ୟବସ୍ଥା କ୍ରୀୟାଶିଲ ହେବାର୍‌ନୁ ନିଜର୍ ଇଲାକାନୁ ଲୁକ୍‌କର୍ ସମସ୍ୟାର୍ ସମାଧାନ ହେଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍‌ଓଭର୍ ------ ମୁଖ୍ୟମନ୍ତ୍ରୀ)

ଜନଶୁଣାଣି ଉତ୍‌ରୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପଦ୍ମଶ୍ରୀ ହଲ୍‌ଧର ନାଗ, ପଦ୍ମଶ୍ରୀ ଜିତେନ୍ଦ୍ରୀୟ ହରିପାଲ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତିଙ୍କୁ ଭେଟିଛନ୍ ।

ସିଏମ୍ କିଷାନ୍ ସାହାଜ୍ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଚାଷ୍ ଅନୁକୂଲ୍ ପରବ୍ ଅଖି ତୁର୍ତିଆ ଅବ୍ସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର୍ ୫୦ ଲାଖ୍‌ନୁ ଅଏତ୍‌କା ଚାଷୀମାନଙ୍କୁ ଖରିଫ୍ ଋତୁ ଲାଗି ସିଏମ୍ କିଷାନ୍ ସାହାଜ୍ ଟଙ୍କା ବଂଟ୍‌ବେ । ଡିବିଟି ଜରିଏ ସିଧାସଲଖ୍ ଚାଷୀମାନଙ୍କର୍ ଆକାଉଂଟକେ ଇ ସାହାଜ୍ ଟଙ୍କା ପଠାଯିବା ବଲି ରାଜ୍ୟ ସରକାରଙ୍କର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

## ଅପରାଧ ନିୟନ୍ତ୍ରଣ - ଆଇନ୍ ମନ୍ତ୍ରୀ ହି.ସ

ରାଏଜେ ଅପରାଧକେ ରୁକ୍‌ବାର୍ ଲାଗି ସର୍‌କାର୍ ଶୁନ୍ୟ ସହନଶିଳତା ନୀତି ଗ୍ରହଣ କରିଛନ୍ ବଲି ଆଇନ୍ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ କହିଛନ୍ । ପୁଲିସ୍‌କେ ତଦନ୍ତ ଲାଗି ପୁରା ସ୍ୱାଧିନତା ଦିଆଯାଇଛେ । କେନ୍‌ସି ଭିଲ୍ ଅପରାଧିକେ ସରକାର୍ ରାଜନୈତିକ ସୁରକ୍ଷା ନାଇଦେବାର୍ ବଲି ଭିଲ୍ ଆଇନ୍ ମନ୍ତ୍ରୀ ସ୍ୱଷ୍ଟ କରିଛନ୍ । ଆଇନ୍ ଶୃଙ୍ଖଲା ନିୟନ୍ତ୍ରଣ ଲାଗି ସର୍‌କାର୍ ସଜାଗ୍ ଅଛନ୍ ରାଏଜେ ଆଇନ୍ ଶୃଙ୍ଖଲାକେ ନେଇକରି ବିରୋଧି ମାନ୍‌କର୍ ଅଭିଯୋଗକେ ଖଣ୍ଡନ୍ କରିକରି ଆଇନ୍ ମନ୍ତ୍ରୀ ଇ ମନ୍ତବ୍ୟ ଦେଇଛନ୍ ।

## ଓ ୟୁ ଏ ଟି ନାଁ ଲେଖା ଆର୍‌ଏନ୍‌ୟୁ/ କଟକ

ଓଡିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଲୟ - ଓ ୟୁ ଏ ଟିର ୨୦୨୫-୨୬ ଶିକ୍ଷାବଛର୍‌ର ସ୍ନାତକ ପାଠ୍ୟକ୍ରମ ଥି ନାଁ ଲେଖା ଲାଗି ପ୍ରକ୍ରିୟା ମୁଲ୍ ହେଇଛେ । ବିଶ୍ୱବିଦ୍ୟାଲୟ ଅଧିନଥି ୧୦ଟା କଲେଜ୍ ନ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ ଜରିଏ ଆଏବା ୨୪ ତାରିଖ୍ ତକ୍ ନାଁ ଲେଖାଲାଗି ଆବେଦନ କରିପାର୍‌ବେ । ouat.ac.in ୱେବସାଇଟ୍

ଜରିଏ ଛାତ୍ରଛାତ୍ରୀମାନେ ନାଁ ଲେଖା ବାବଦ୍ ଅଏତ୍କା ସୂଚନା ପାଇପାର୍‌ବେ ।

ପଏତାଲାଗି ନୀତି ପୁରୀ ସମ୍ବାଦଦାତା

ବଏଶାଖ୍‌ମାସର୍ ଅନ୍ଧାର୍‌ପଖର୍ ଅଷ୍ଟମୀତିଥିନ ପୁରୀ ଶ୍ରୀମନ୍ଦିରନ ଆଏନ୍ ମାହାପୁରୁମାନ୍‌କର୍ ପଏତାଲାଗିନୀତି କରାଯାଉଛେ । ଦୁଇ ନମ୍ବର ଭୋଗମଣ୍ଡପ ଭୋଗନୀତି ସର୍‌ଲା ଉତ୍‌ରୁ ୫ ବଜେନୁ ରାତିର୍ ୧୦ ବଜେତକ୍ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛେ । ସେନ୍ତା ଆଏବା କାଏଲ୍ ମାହାପୁରୁଙ୍କର ରାମାଭିଷେକ ନୀତି ଆଉ ପର୍‌ଦିନ ବନକଲାଗି ନୀତି ହେବା । ଇ ସବୁ ନୀତିକାନ୍ତିକେ ନଜର୍‌ଥି ରଖିକରି ଆଏଜ୍‌ଠାନୁ ଆଏବା ଗୁରୁବାର୍‌ତକ୍ ରତ୍ନଭଣ୍ଡାର ମରାମତି କାମ୍ ବନ୍ଦ ରହେବା ବଲି ଶ୍ରୀ ମନ୍ଦିର ପ୍ରଶାସନ ତର୍‌ଫୁ ସୂଚନା ଦିଆଯାଇଛେ ।

ଶ୍ରୀନିବାସ ମିଶ୍ର ପରଲୋକ ଆର୍‌ଏନ୍‌ୟୁ ସମ୍ବଲପୁର

ଭାରତୀୟ ସୂଚନା ସେବାର୍ ଆଘର୍ ଅଧିକାରୀ ଶ୍ରୀନିବାସ ମିଶ୍ରଙ୍କର୍ ଆଏଜ୍ ଭୁବନେଶ୍ୱରନ ତାଙ୍କର ଘରେ ପରଲୋକ୍ ହେଇଯାଇଛେ । ତାଙ୍କୁ ୭୫ ବଛର୍ ବଏସ୍ ହେଇଥିଲା ।

ସ୍ୱର୍ଗତ ମିଶ୍ର ସୂଚନା ଆଉ ପ୍ରସାରଣ ମନ୍ତ୍ରଣାଳୟର ଡିଏଭିପି, ଦୂରଦର୍ଶନ ଆଉ କ୍ଷେତ୍ରପ୍ରଚାର ନିର୍ଦ୍ଦେଶାଳୟର ଭିନ୍‌ଭିନ୍ ପଦବୀଥି କାମ୍ କରିଥିଲେ । ୮୦ ଦଶକ ଥି ପ୍ରତିରକ୍ଷା ମନ୍ତ୍ରଣାଳୟର ସୈନିକ ସମାଚାରନୁ ଚାକରି ମୁଲ୍ କରିଥିବା ସ୍ୱର୍ଗତ ମିଶ୍ର ୨୦୧୨ ମସିହାରେ ଭୁବନେଶ୍ୱର ଦୂରଦର୍ଶନ ସମାଚାର ବିଭାଗନୁ ଅବସର୍ ନେଇଥିଲେ ।

ଜନଶୁଣାଣି ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ୍‌ଠାନେ ପ୍ରଶାସନ୍‌ର ମିଳିତ୍ ଜନ ଅଭିଯୋଗ ଶୁଣାଣି ଶିବିର ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୋଗ୍ ଦେଇକରି ଲୁକ୍‌କର ଅଭିଯୋଗ ଶୁଣାଣି କରିଥିଲେ । ଶିବିର୍‌ଥି ୩୦ଟା ଅଭିଯୋଗ୍ ଆଗତ୍ ହେଇଥିଲା । ଅଭିଯୋଗ୍‌ମାନ୍‌କର୍ ଜଲ୍‌ଦି ସମାଧାନ୍ ଲାଗି ଅତିରିକ୍ତ ଜିଲ୍ଲାପାଳ ଆଉ ଆର୍‌କ୍ଷୀ ଅଧିକ୍ଷକ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ ।

ପୋଷଣ ପକ୍ଷ ସୁବର୍ଣ୍ଣପୁର ସମ୍ବାଦଦାତା

ଏପ୍ରିଲ ୧ ତାରିଖ୍‌ନୁ ମୁଲ୍ ହେଇଥିବା ପୋଷଣ ପକ୍ଷ ସୁବର୍ଣ୍ଣପୁର ଜିଲ୍ଲାର୍ ଭିନ୍ ଭିନ୍ ଇଲାକାନ ପାଳନ୍ କରାଯାଉଛେ । ଇ ଅବ୍‌ସରେ ଜିଲ୍ଲାର ସଦର ବ୍ଲକ୍‌ନ ଆଏଜ୍ ଗୁଟେ ସଚେତନ୍‌ତା ଶୋଭାଯାତ୍ରା ସଙ୍ଗେ ପୋଷଣ ଥିବା ଖାଦ୍ୟର୍ ଭିନ୍ ଭିନ୍ ଦରବ୍‌ର ପ୍ରଦର୍ଶନୀ ହେଇଥିଲା । ଗୋଷ୍ଠୀ ଶିଶୁ ମଙ୍ଗଳ ଅଧିକାରୀଙ୍କର ପରିଚାଳନାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଡେପୁଟି କଲେକ୍ଟର ପ୍ରତୀକ କର ଯୋଗ୍ ଦେଇକରି ପୋଷଣ ତତ୍ୱ ଆଉ ଖାଦ୍ୟସାର ବାବ୍‌ଦେ ଲୁକ୍‌କୁ ସଚେତନ୍ କରିଥିଲେ ।

କଳିଙ୍ଗ କପ୍ ଫୁଟ୍‌ବଲ୍ ଆର୍‌ଏନ୍‌ୟୁ/ କଟକ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମନ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ୍ ଟୁର୍ଣ୍ଣାମେଂଟ୍‌ର ୨ ନମ୍ବର ପ୍ରି କ୍ୱାଟର ଫାଏନାଲ୍ ମେଚ୍‌ଥି ଗୋଆ ଏଫ୍‌ସି ଦଲ୍ ୩-୦ ଗୋଲ୍ ଥି ଗୋକୁଲମ୍, କେରଲ୍, ଏଫ୍‌ସି ଦଲ୍‌କେ ହରେଇଛେ । ରାତିର୍ ୮ ବଜେ ଓଡିଶା ଏଫ୍‌ସି ଦଲ୍ ଆଉ ପଞ୍ଜାବ୍ ଏଫ୍‌ସି ଭିତ୍‌ରେ ୩ ନମ୍ବର ପ୍ରି କ୍ୱାଟର୍ ଫାଏନାଲ୍ ମେଚ୍ ଖେଲାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗଲା କିଛିଦିନ୍ ହେଲା କାଲବୈଶାଖୀର୍ ପ୍ରଭାବଥି ତାପମାତ୍ର କମିଥିବାର୍ ବେଲେ ପର୍ଶ୍ଚିମ୍ ଓଡିଶାର୍ କେତେଟା ଜାଗାନ ଆଏଜ୍ ତାତି ଫେର୍ ଘାଏ ବଢ଼ିଛେ । ଭୁବନେଶ୍ୱର ଆଂଚଲିକ ପାଣିପାଗ ବିଜ୍ଞାନକେନ୍ଦ୍ରର ସୂଚନା ଅନ୍‌ସାରେ ୪୫ ଡିଗ୍ରୀ ତାତି ସହେତେ ଝାରସୁଗୁଡା ଆଏଜ୍ ରାଏଜର୍ ତତ୍‌ଲା ସହର୍ ପାଲ୍‌ଟିଥିଲା । ଆଏଜ୍ ରାଏଜର୍ ୧୪ଟା ସହରନ ତାତି ୪୦ଡିଗ୍ରୀ ଉପ୍‌ରେ ରହିଥିଲା ।